بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୧ ଅଗଷ୍ଟ ୨୦୨୫ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

**ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ୨୦୨୫ମସିହା ପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର ଐଶୀକୃପା ଓ କେତେକ ନବାଗତ ଅହେମଦି ତଥା ଅଣଅହେମଦି ଅତିଥିମାନଙ୍କ ମନ୍ତବ୍ୟର ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କର ଅଶେଷ କୃପା ଯୋଗେ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଗତ ରବିବାର ଦିନ ସମାପନ ହେଲା, ଏହି ତିନିଦିନ ଅଲ୍ଲାଃତାଲାଙ୍କର ଅପାର କଲ୍ୟାଣ ବହନ କରି ଆସିଥିଲା ଯାହାକି ଆମେମାନେ ପରିଲକ୍ଷିତ କଲେ । ପରମ ଦୟାଳୁ ଅଲ୍ଲାଃ ଆମମାନଙ୍କୁ ଏହି ତିନିଦିନରେ ଅନେକ ଅନୁଗ୍ରହ ପ୍ରଦାନ କଲେ ଏବଂ ଜଲ୍‌ସାକୁ ପ୍ରତ୍ୟେକ ଦିଗରୁ ସଫଳ କଲେ ତଥା ଜଲ୍‌ସା ସକୁଶଳେ ପରିସମାପ୍ତ ହେଲା । ଅଲ୍ଲାଃଙ୍କ କୃପାରୁ ପାଣିପାଗ ମଧ୍ୟ ଅନୁକୂଳ ରହିଲା ଓ ସମସ୍ତ କାର୍ଯ୍ୟକ୍ରମ ସଫଳତା ପୂର୍ବକ ସମ୍ପନ୍ନ ହେଲା । ଜଲ୍‌ସାର ମୌଳିକ କାର୍ଯ୍ୟକ୍ରମ ଅର୍ଥାତ୍ ଭାଷଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ପ୍ରଚାର ଓ ଜ୍ଞାନ ଭିତ୍ତିକ ଦୃଷ୍ଟି କୋଣରୁ ବିଭିନ୍ନ ବିଭାଗ ନିଜ ନିଜର ରୋଚକପୂର୍ଣ୍ଣ ତଥ୍ୟ ସମ୍ବଳିତ ପ୍ରଦର୍ଶନୀ ଲଗାଇ ଥିଲେ, ତାହା ମଧ୍ୟ ଅଣଅହେମଦିଙ୍କ ଉପରେ ବେଶ ସକାରାତ୍ମକ ପ୍ରଭାବ ପକାଇଥିଲା ଓ ଅହେମଦିମାନଙ୍କ ଜ୍ଞାନରେ ମଧ୍ୟ ଅଭିବୃଦ୍ଧି ଘଟାଇଥିଲା ।

ଏହିପରି ଏମ.ଟି.ଏ ମଧ୍ୟ ଜଲ୍‌ସାର କାର୍ଯ୍ୟକ୍ରମ ମଧ୍ୟବର୍ତ୍ତୀ ବିରତିରେ ବିଭିନ୍ନ ଜ୍ଞାନବର୍ଦ୍ଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା, ଯାହାର ଲୋକମାନଙ୍କ ଉପରେ ବେଶ ଭଲ ପ୍ରଭାବ ପଡ଼ିଲା ଓ ଅନ୍ୟ ଦେଶମାନଙ୍କରେ ବସି ଶୁଣିଥିବା ଅହେମଦିମାନେ ମଧ୍ୟ ତାହାକୁ ଖୁବ୍ ପସନ୍ଦ କଲେ ଯେ, ଆମକୁ ମଧ୍ୟ ଅନେକ ନୂଆ କଥା ଓ ତଥ୍ୟ ଜାଣିବାକୁ ମିଳିଲା । ଏହିପରି ଏମ.ଟି.ଏ ଏଥର ପାଖାପାଖି ୫୬ଦେଶରେ ରହିଥିବା ୧୧୯ଟି କେନ୍ଦ୍ର ସହିତ ସିଧାସଳଖ ଭାବରେ ଜଡ଼ିତ ରହି ସେମାନଙ୍କର ଭିଡ଼ିଓ (ଚିତ୍ର) ପ୍ରସାରଣ କରିଥିଲା । ଏତଦ୍ ଦ୍ୱାରା ଅଲ୍ଲାଃତାଲା ସେମାନଙ୍କୁ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀର କାର୍ଯ୍ୟକ୍ରମ ଶୁଣିବାକୁ ଶକ୍ତି ପ୍ରଦାନ କଲେ ଏବଂ ସେମାନେ ନିଜକୁ ଜଲ୍‌ସା ସ୍ଥଳୀରେ ଉପସ୍ଥିତ ଥିବା ମନେ କରୁଥିଲେ । ସୁତରାଂ ଏହା ମଧ୍ୟ ଏକ ବହୁତ ବଡ଼ ଐଶୀକୃପା ଯାହାକି ସେ ଜମାଅତ ଉପରେ କରି ଚାଲିଛନ୍ତି । ଏହି ନୂତନ ଉଦ୍ଭାବନ ସମଗ୍ର ବିଶ୍ୱରେ ବସବାସ କରୁଥିବା ଅହେମଦିମାନଙ୍କୁ ଏକାଠି କରିଦେଲା, **ଉମ୍ମତେ ଓାହିଦା (ଗୋଟିଏ ସମ୍ପ୍ରଦାୟ) ହେବାର ଏହି ଅପୂର୍ବ ଦୃଶ୍ୟ ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ ।** ବ୍ୟବସ୍ଥା ଦୃଷ୍ଟିକୋଣରୁ ଏଥର ଦେଖିବାକୁ ଗଲେ ଅଧିକାଂଶ ଲୋକମାନଙ୍କ କହିବାନୁଯାୟୀ ସାଧାରଣତଃ ବିଗତ ବର୍ଷ ତୁଳନାରେ ବେଶ ଭଲ ହୋଇଥିଲା । ଏଠାରେ ଯୋଗଦାନକାରୀମାନେ ଓ ବିଭିନ୍ନ ଦେଶରେ ବସି ଦୂରଦର୍ଶନ ମାଧ୍ୟମରେ ଦେଖୁଥିବା ଲୋକମାନେ ମଧ୍ୟ ଏହି ମତ ପ୍ରକାଶ କରିଥିଲେ । ଗୋଟିଏ ସୁନ୍ଦର ବାତାବରଣ ସୃଷ୍ଟି ହୋଇଯାଇଥିଲା ଓ ଏସବୁ ଅଲ୍ଲାଃତାଲାଙ୍କର ବିଶେଷ ଅନୁକମ୍ପା, ଯାହାକି ପ୍ରତ୍ୟେକଙ୍କୁ ଅନୁଭବ ହେଉଥିଲା ଯେ, ଜଲ୍‌ସାରେ ଅଲ୍ଲାଃତାଲାଙ୍କର ଅନନ୍ୟ କଲ୍ୟାଣ ଅବତୀର୍ଣ୍ଣ ହେଉଅଛି ।

ଅଲ୍ଲାଃତାଲା କହିଛନ୍ତି; ତୁମେ ତାଙ୍କର କୃତଜ୍ଞ ଭକ୍ତ ହୋଇଯାଅ ଓ ଯେତେବେଳେ ତୁମେ ଏପରି କରିବ

ସେତେବେଳେ ମୁଁ ତୁମମାନଙ୍କୁ ନିଜ ଅନୁଗ୍ରହ ଆହୁରି ଅଧିକ ପ୍ରଦାନ କରିବି, ମୋର ଅନୁଗ୍ରହ ଅଧିକ ମାତ୍ରାରେ ତୁମ ଉପରେ ବର୍ଷଣ ହେବ । ସୁତରାଂ ଅଲ୍ଲାଃତାଲାଙ୍କ ଅନୁକମ୍ପାର ଆହୁରି ଅଧିକ ଉତ୍ତରାଧିକାରୀ ହେବା ନିମନ୍ତେ ତାଙ୍କର କୃତଜ୍ଞ ହେବା ଆବଶ୍ୟକ । ଦେଖ ଅଲ୍ଲାଃତାଲା ନିଜ ସମ୍ବନ୍ଧରେ କୁହନ୍ତି; ନିଶ୍ଚିତ ରୂପେ ସେ (ପରମାନନ୍ଦ) ଅତିବ ମହିମାମୟ ଓ ସର୍ବଜ୍ଞ । ଯେତେବେଳେ ଅଲ୍ଲାଃଙ୍କ ସକାଶେ କୃତଜ୍ଞ ଶବ୍ଦ ବ୍ୟବହାର କରାଯାଇଥାଏ ସେତେବେଳେ ତାହା ତାଙ୍କ ମହିମାମୟ ହେବା ଅର୍ଥରେ ହୋଇଥାଏ । ସୁତରାଂ ସେ କୃତଜ୍ଞକାରୀଙ୍କୁ ଆଦର କରିଥାନ୍ତି, ତାଙ୍କୁ ପ୍ରୋତ୍ସାହିତ କରିଥାନ୍ତି । ଏହାର ପରିଣାମ ସ୍ୱରୂପ ସେ ତାଙ୍କୁ ଆହୁରି ଅଧିକ ଆଶିଷ ପ୍ରଦାନ କରି ଚାଲିଥାନ୍ତି, ତେବେ ଏହା କେବଳ ମୁଖରୁ ନିଃସୃତ ଉକ୍ତି ହେବା ଉଚିତ୍ ନୁହେଁ, ବରଂ କୃତଜ୍ଞତା ଜ୍ଞାପନ କରିବାର ଏପରି ଆବେଗ ଓ ଉତ୍କଣ୍ଠା ହେବା ଉଚିତ୍ ଏବଂ ଏହି ଭାବନା ଅଲ୍ଲାଃତାଲା ନିଜ କୃପା ଯୋଗେ ଜମାଅତ ଉପରେ ବେଶ ଅଧିକ ଉତ୍ପନ୍ନ କରିଦେଇଛନ୍ତି, ଅଲ୍ଲାଃତାଲା ଏହାକୁ ଆହୁରି ଅଭିବୃଦ୍ଧି କରି ଚାଲନ୍ତୁ । ଏଠାରେ ଏକଥା ମଧ୍ୟ ସମସ୍ତ ଯୋଗଦାନକାରୀଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଯେଉଁସ୍ଥଳେ ସେମାନେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବେ ସେହିସ୍ଥଳେ କର୍ମୀ ଓ କର୍ମକର୍ତ୍ତାମାନଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଯେ ଗୌରବମୟ ଅଲ୍ଲାଃ କିପରି କର୍ମୀମାନଙ୍କ ପାଇଁ ସେମାନଙ୍କ କାର୍ଯ୍ୟ ସହଜ ଓ ସରଳ କରିଦେଲେ, ସେମାନଙ୍କ ସମସ୍ୟାକୁ ଦୂର କେରିଦେଲେ । ସେମାନଙ୍କର ସମସ୍ତ କାର୍ଯ୍ୟରେ ଉନ୍ନତି ଆଣିଦେଲେ ଓ ସେମାନେ ଅଧିକରୁ ଅଧିକ ଅତିଥିମାନଙ୍କ ସେବା ସମ୍ପାଦନ କରିବାର ସାମର୍ଥ୍ୟ ଲାଭ କଲେ ତଥା ଯୋଗଦାନକାରୀମାନଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହେଲା ।

ଚଳିତ ବର୍ଷ ଅଲ୍ଲାଃତାଲାଙ୍କ କୃପାରୁ ୫୦ହଜାର ଉପସ୍ଥିତି ରହିଥିଲା । ଅତଃ ସମସ୍ତ ଯୋଗଦାନକାରୀଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞ ହେବା ଉଚିତ୍, ଯେ କିପରି ସେ କର୍ମୀମାନଙ୍କ ମାଧ୍ୟମରେ ସେମାନଙ୍କ ପାଇଁ ସୁଲଭ ବ୍ୟବସ୍ଥା କରିଦେଲେ । ସେମାନଙ୍କୁ ଟ୍ରାଫିକ୍, ଖାଇବା ଓ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବାରେ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା ନାହିଁ । ଆଉ ସେମାନଙ୍କର ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ପୂରଣ ହୋଇଗଲା ତେବେ ଏଥିରେ ଆମର କୌଣସି ବିଶେଷ ଦକ୍ଷତା ନାହିଁ, ବରଂ ଏହା ତ ଈଶ୍ୱରଙ୍କ କୃପା ମାତ୍ର । ଏହି ଦୃଷ୍ଟିକୋଣରୁ ଯେଉଁସ୍ଥଳେ ସେବକମାନେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ପ୍ରଦାନ କଲେ ଓ ଆମ କାର୍ଯ୍ୟର ଉତ୍ତମ ପରିଣାମ ଉଦ୍ଧୃତ କଲେ, ସେହିସ୍ଥଳେ ସମସ୍ତ ଯୋଗଦାନକାରୀଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯିଏକି ସେମାନଙ୍କ ସକାଶେ ସାଧନ ଉପଲବ୍ଧ କରିଦେଲେ ଯେ, ଅଗଣିତ ଲୋକ ଯେଉଁମାନେ କି ବିଭିନ୍ନ ଗୋଷ୍ଠୀ, ବର୍ଣ୍ଣ ଓ ବିଭିନ୍ନ ସ୍ତରର ଶିକ୍ଷିତବର୍ଗର ଥିଲେ, ସମସ୍ତେ ଦିବାରାତ୍ର ଏକ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଅକ୍ଳାନ୍ତ ପରିଶ୍ରମର ସହିତ ନିଜ ନିଜ ଡ୍ୟୁଟି ଦେଲେ । ଏହିପରି କାନେଡ଼ା ଓ ଅଷ୍ଟ୍ରେଲିଆରୁ ମଧ୍ୟ ଖୁଦ୍ଦାମ୍ ବହୁ ସଂଖ୍ୟାରେ ଆସିଥିଲେ, ସେମାନେ ଜଲ୍‌ସା ପୂର୍ବରୁ (ପ୍ରସ୍ତୁତି) କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିଥିଲେ ଏବଂ ଜଲ୍‌ସା ଅବଧିରେ ସେବା କାର୍ଯ୍ୟରେ ନିମର୍ଜିତ ରହିଥିଲେ । ଆଉ ଏବେ ୱାଇଣ୍ଡ ଅପ୍‌ରେ ମଧ୍ୟ ଲାଗି ରହିଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ଗୋଟିଏ ହଦିସ୍ ମାଧ୍ୟମରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] (ଆମମାନଙ୍କ) ଧ୍ୟାନ ଆକର୍ଷିତ କରି କହିଲେ; ଅଲ୍ଲାଃତାଲା ତ ନିଜ ଭକ୍ତମାନଙ୍କର ସେହି କାର୍ଯ୍ୟଗୁଡ଼ିକୁ ଏପରି ଗୁରୁତ୍ୱ ଦେଇଥାନ୍ତି, ଯାହାକି ତାଙ୍କ ସକାଶେ ସମ୍ପାଦନ କରାଯାଇଥାଏ । ଯେପରିକି ସେ କୁହନ୍ତି; ସେମାନଙ୍କର କୃତଜ୍ଞ ହୁଅ ଓ ଆମମାନଙ୍କ ଠାରୁ ମଧ୍ୟ ଏହି ଇଚ୍ଛା ରଖିଛନ୍ତି ଯେ, ଆମେ ତାଙ୍କ ଭକ୍ତମାନଙ୍କର କୃତଜ୍ଞତା ଜ୍ଞାପନ କରୁ । ଯଦ୍ଦ୍ୱାରା ଏକ ଏପରି ବାତାବରଣ ଉତ୍ପନ୍ନ ହେବ ଯାହାକି ପୂର୍ଣ୍ଣ ରୂପେ କୃତଜ୍ଞତା ଜ୍ଞାପନ କରିବାର ବାତାବରଣ ସାବ୍ୟସ୍ତ ହେବ । ଅର୍ଥାତ୍ ଯେଉଁସ୍ଥଳେ ପ୍ରତ୍ୟେକ ଦିଗରୁ କୃତଜ୍ଞତା ଜ୍ଞାପନର ସ୍ୱର ଗୁଞ୍ଜରିତ ହେଉଥିବ ଏବଂ **ଏହି କଥାକୁ ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଠାକୁ ଆସିଥିବା ଅତିଥିମାନଙ୍କର ଯେଉଁ ମତାମତ ମୋତେ ହସ୍ତଗତ

ହୋଇଛି ସେଥି ମଧ୍ୟରେ ଅନେକ ମତ ଦେଇଛନ୍ତି ଯେ, ଆମେ ବିଭିନ୍ନ ସେବକମାନଙ୍କୁ ପଚାରି ବୁଝିଥିଲୁ କି ଆପଣ କ'ଣ କରନ୍ତି ? କିଏ କହିଲେ, ମୁଁ ଜଣେ ବିଭାଗୀୟ ଅଧ୍ୟକ୍ଷ । ଆଉ କିଏ କହିଲେ, ମୁଁ ଶିକ୍ଷା ଆହରଣ କରୁଛି, କିଏ କହିଲେ, ମୁଁ ପି.ଏଚ.ଡ଼ିର ବିଦ୍ୟାର୍ଥୀ ତ ଆଉ କିଏ କହିଲେ, ମୁଁ ପି.ଏଚ.ଡ଼ିର ଡ଼ିଗ୍ରୀ ହାସଲ କରିନେଇଛି । **ତେବେ ଏପରି ଶିକ୍ଷିତବର୍ଗ ଜଲ୍‌ସାରେ ସାମିଲ ହୋଇ ହଜରତ ମସିହ ମଉଦ** [ଅ.ସ] **ଙ୍କ ଅତିଥିମାନଙ୍କ ସେବା କରିବା ଓ ଈଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ନିଜକୁ ଉପସ୍ଥାପନ କରିଥାନ୍ତି ।** ଏଠାକୁ ଅଣଅହେମଦିମାନେ ମଧ୍ୟ ଆସିଥାନ୍ତି, ବିଭିନ୍ନ ଦେଶରୁ ଏପରି ଲୋକମାନେ ଆସିଥାନ୍ତି ଯାହାଙ୍କର ଜମାଅତ ସହିତ କେବଳ ପ୍ରାରମ୍ଭିକ ପରିଚୟ ସ୍ଥାପନ ହୋଇଥାଏ ଏବଂ ସେମାନେ ଏହା ଦେଖିବାକୁ ଆସିଥାନ୍ତି ଯେ, କ'ଣ ଏମାନେ ବାସ୍ତବରେ ତାହା କରୁଛନ୍ତି ଯାହାକି (ଏମାନେ) କହୁଛନ୍ତି ? ଯେତେବେଳେ ସେମାନେ ଏହି କର୍ମୀମାନଙ୍କୁ ଯିଏକି ବିଭିନ୍ନ ବୃତ୍ତିରେ କାର୍ଯ୍ୟରତ, ଏପରି ସେବା କରିବାର ଅର୍ଥାତ୍ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏକ ସାଧାରଣ ଶ୍ରମିକ ପରି ବ୍ୟସ୍ତ ଥିବାର ଦେଖନ୍ତି ସେତେବେଳେ ସେମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡିଥାଏ ଏବଂ ଏହା ଏକ ନିରବ ଧର୍ମପ୍ରଚାର, ଯାହାର ସେମାନେ ପରିପ୍ରକାଶ କରିଥାନ୍ତି । ଏପରି ନବାଗତ ଅହେମଦି ଅଥବା ଯେ ଏଠାକୁ ପ୍ରଥମ ଥର ଆସିଥାନ୍ତି, ସେମାନେ ମଧ୍ୟ ଏତଦ୍ ଦ୍ୱାରା ଅନୁପ୍ରାଣିତ ହୋଇଥାନ୍ତି । ସେମାନେ ଏହା ଦେଖିଥାନ୍ତି ଯେ, ତାଙ୍କର କିପରି ମର୍ଯ୍ୟାଦା ସହକାରେ ଆତିଥ୍ୟ କରାଯାଉଅଛି । ଆଉ ଏଠାକାର ନିବାସୀ କିପରି ସେମାନଙ୍କ ସହିତ ସଦ୍‌ବ୍ୟବହାର କରୁଛନ୍ତି । ସୁତରାଂ ଏହା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ଏଥିପାଇଁ ଆମ ସମସ୍ତଙ୍କୁ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କର (ବହୁତ) କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦେଶରୁ ଆସିଥିବା ଅଣଅହେମଦି ଅତିଥି ଓ କେତେକ ନବାଗତ ଅହେମଦିମାନଙ୍କର ବାର୍ଷିକ ଧର୍ମ ସମ୍ମିଳନୀରେ ସାମିଲ ହେବାର ଚର୍ଚ୍ଚା କଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଜଲ୍‌ସାର ଆଶିଷ ଫଳରେ ସେମାନଙ୍କ ଉପରେ ଯେଉଁ ସକାରାତ୍ମକ ପ୍ରଭାବ ପଡିଥିଲା, ତାହାର ଆଲୋଚନା କରି ଅନେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ବର୍ଣ୍ଣନା କଲେ । ଉଦାହରଣସ୍ୱରୂପ ଶ୍ରୀମାନ ରୋଡ଼୍‌କ ସାହେବ ଯେ କି ଆୟାର୍ଲ୍ୟାଣ୍ଡ ପୋଲିସ୍ ଫୋର୍ସର ଅତିରିକ୍ତ କମିସନର୍ ଜଲ୍‌ସାରେ ଯୋଗ ଦେଇଥିଲେ, ସେ କହିଲେ; ଜଲ୍‌ସା ଦିନମାନଙ୍କରେ ଯାହା ମୁଁ ଅବଲୋକନ କଲି ତାହା ବାସ୍ତବରେ ଦୃଷ୍ଟାନ୍ତ ମୂଳକ, ଆପଣଙ୍କ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏକ ବହୁମୂଲ୍ୟ ଶିକ୍ଷା ଦେଉଥିଲା । ଦଶ ହଜାର ସେବାକାରୀଙ୍କର ଉପସ୍ଥିତି ଏକ ଅଭୁତପୂର୍ବ ଚମତ୍କାର । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅତ୍ୟନ୍ତ ପରିଶ୍ରମର ସହିତ କାନ୍ଧରେ କାନ୍ଧ ମିଶାଇ ସେବା ସତ୍କାର କରିବାରେ ମାତି ରହିଥିଲେ ।

ବେଲଜିୟମ୍‌ର ଜଣେ ଅତିଥି ଯିଏକି ମାନବାଧୀକାର ସଂସ୍ଥା HRWFର ପ୍ରତିନିଧି ଅଛନ୍ତି, ସେ ନିଜର ମତ ପ୍ରକାଶ କରି କହିଲେ; ଏତେ ବଡ଼ ଧରଣର ଆୟୋଜନର ବ୍ୟବସ୍ଥା କରିବା, ଯେଉଁଥିରେ ସହସ୍ର ଲୋକେ ଅନେକ ଦିନ ପର୍ଯ୍ୟନ୍ତ ସାମିଲ ରହିଥିଲେ । ନିଶ୍ଚିତ ରୂପେ ଏହା ଏକ ମହାନ ସଫଳତା, ମୋତେ କେବଳ ବ୍ୟବସ୍ଥା ମୂଳକ କାର୍ଯ୍ୟଦକ୍ଷତା ହାସଲ ନୁହଁ, ବରଂ ତାହା ପଛରେ ଉପସ୍ଥିତ ଚାରିତ୍ରିକ ଆଚରଣ ମଧ୍ୟ ପ୍ରଭାବିତ କଲା । ବୁଲଗେରିଆରୁ ଜଣେ ନବାଗତ ଅହେମଦି ମହିଳା କୁହନ୍ତି; ଏହି କଲ୍ୟାଣମୟ ଦିନରେ ମୁଁ ଏକ ଅସାଧାରଣ ଆଧ୍ୟାତ୍ମିକ ପରିବେଶ ଅନୁଭବ କଲି ଏବଂ ଏଥିରେ ମୋତେ ଭାଗ ନେବାର ସୌଭାଗ୍ୟ ଲାଭ ହେଲା । ଏଠାରେ ମୋର ଅଭିଜ୍ଞତା ଅତିବ ଚମତ୍କାର ପୂର୍ଣ୍ଣ ଓ ପ୍ରଭାବଶାଳୀ ଥିଲା ଯେ, କିପରି ଅତି ସୂକ୍ଷ୍ମତାର ସହିତ ଅତିଥିମାନଙ୍କୁ ଆରାମ ଯୋଗାଇ ଦିଆଯିବ । ଜର୍ଜିୟାରୁ ଜଣେ ଅତିଥି କୁହନ୍ତି; ଜଲ୍‌ସାର ଶାନ୍ତିପୂର୍ଣ୍ଣ ବାତାବରଣ, ବକ୍ତୃତା ଓ ଖଲିଫାଙ୍କର ଅଭିଭାଷଣ ଆଧ୍ୟାତ୍ମିକତାରେ ଆଗକୁ ଅଗ୍ରସର ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜଣେ ଆରବୀ (ବ୍ୟକ୍ତି) ସୁଦାନ ଦେଶରୁ ଆସିଥିଲେ, ସେ ନିଜର ମତବ୍ୟକ୍ତ କରି କହିଲେ; ବାର୍ଷିକ ଧର୍ମ ସମ୍ମିଳନୀ ଏକ ପ୍ରଶସ୍ତ ଗୃହ ସଦୃଶ ଯାହାକି ସମସ୍ତ ପରିବାର ବର୍ଗଙ୍କୁ ଏକତ୍ର ବହନ କରିଥାଏ ।

ବିଭିନ୍ନ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଲୋଚନା କରିବା ପରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ସମସ୍ତ ଅତିଥିମାନଙ୍କର ଯେ ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଯୋଗ ଦେଇଥିଲେ, ହୃଦୟ ଉନ୍ମୁକ୍ତ କରନ୍ତୁ ଓ ସେମାନେ ଅହେମଦିୟତ୍ ତଥା ପ୍ରକୃତ ଇସଲାମକୁ ବୁଝନ୍ତୁ ଏବଂ ଚଳିତ ଯୁଗର ଇମାମ୍ ଅର୍ଥାତ୍ ଯୁଗାବତାରଙ୍କୁ ସ୍ୱୀକାର କରନ୍ତୁ । ଅଲ୍ଲାଃତାଲା ନବାଗତ ଅହେମଦିମାନଙ୍କର ବିଶ୍ୱାସ ଓ ନିଷ୍ଠାରେ ମଧ୍ୟ ଉନ୍ନତି ପ୍ରଦାନ କରନ୍ତୁ । ଏହିପରି ପ୍ରତ୍ୟେକ ଅହେମଦିଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ଯେ, ସେମାନେ ଯାହା କିଛି ଜଲ୍‌ସାରେ ଶୁଣିଲେ, ଦେଖିଲେ ତଦ୍‌ନୁଯାୟୀ କାର୍ଯ୍ୟ କରନ୍ତୁ ଓ ତାହାକୁ ନିଜ ଜୀବନର ଅଂଶ କରିନିଅନ୍ତୁ । ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦିଅନ୍ତୁ ଓ ଏହି ମନୋଭାବ ସର୍ବଦା ଅବ୍ୟାହତ ଓ ଉଜ୍ଜୀବିତ ରହିଥାଉ । ଜଲ୍‌ସାର କଲ୍ୟାଣରୁ ପ୍ରତ୍ୟେକ ଅହେମଦି ସର୍ବଦା ଭାଗ ନିଅନ୍ତୁ ଓ ନିଜ ତଥା ନିଜ ପରିବେଶର ସୁଧାର ନିମନ୍ତେ ପୂର୍ଣ୍ଣ ପ୍ରୟାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅନ୍ତୁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ପ୍ରେସ୍‌ର ମଧ୍ୟ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କଲେ ଯେ, ଜମାଅତର ପ୍ରେସ୍ ଓ ମିଡ଼ିୟା ବିଭାଗ ତଥା ତାହା ଅନ୍ତର୍ଗତ ପାଖାପାଖି ୪୯ ୱେବସାଇଟ୍, ପ୍ରିଣ୍ଟ ମିଡ଼ିୟା, ଖବରକାଗଜରେ ୧୭ଗୋଟି ସନ୍ଦର୍ଭ ପ୍ରକାଶ ପାଇଥିଲା, ରେଡ଼ିଓରେ ୨୫ଟି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା । ସେହିପରି ନ୍ୟୁଜ୍ ଟିଭି ଓ ସୋଶିୟାଲ୍ ମିଡ଼ିୟା ମାଧ୍ୟମରେ ଅଲ୍ଲାଃତାଲାଙ୍କ କୃପାରୁ ସାମଗ୍ରିକ ରୂପେ ୧୦୦ମିଲିୟନ୍ ଲୋକଙ୍କ ନିକଟରେ ଜମାଅତର ସନ୍ଦେଶ ପହଞ୍ଚିଛି । ଏମ.ଟି.ଏ ଆଫ୍ରିକାର ବିଭିନ୍ନ ଚ୍ୟାନେଲ୍‌ରେ ବାର୍ଷିକ ଧର୍ମ ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା, **ତାହା ଦେଖିବା ଅନ୍ତେ ୫୦ରୁ ଊର୍ଦ୍ଧ୍ୱ ଲୋକ ବୈଅତ୍ କରି ଜମାଅତରେ ସାମିଲ ହୋଇଗଲେ ।** ସେଠାକାର ୨୨ଟି ଜାତୀୟ ଓ ଆଞ୍ଚଳିକ ଟିଭି ଚ୍ୟାନେଲ୍‌ରେ ବାର୍ଷିକ ଧର୍ମ ସମ୍ମିଳନୀର ୩୦୪ଘଣ୍ଟାର କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ଯଦ୍ୱାରା (ଆଫ୍ରିକାର) ୬୫ମିଲିୟନ୍ ଲୋକଙ୍କ ନିକଟରେ ଜମାଅତର ସନ୍ଦେଶ ପହଞ୍ଚିଥିଲା । ଜଲ୍‌ସାର କାର୍ଯ୍ୟକ୍ରମ ସଂକ୍ରାନ୍ତରେ ରେଡ଼ିଓ ସେଣ୍ଟରଗୁଡ଼ିକରେ ୯୧ଟି ରିପୋର୍ଟ ପ୍ରସାରଣ କରାଯାଇଥିଲା ଯାହା ଫଳରେ ୧୬ ମିଲିୟନ୍ ଲୋକଙ୍କ ନିକଟରେ ଜମାଅତର ବାର୍ତ୍ତା ପହଞ୍ଚିଲା । କୁହାଯାଏ ଯେ, ମିଡ଼ିଆ ଆଉଟ୍ ଲେଟ୍ ଅନ୍ୟାନ୍ୟ ମାଧ୍ୟମରେ ୪୭ଟି ଖବର ପ୍ରକାଶିତ ହୋଇଥିଲା, ଫଳତଃ ୧୫୦ମିଲିୟନ୍ ଲୋକଙ୍କ ନିକଟରେ ଜମାଅତର ବାର୍ତ୍ତା ପହଞ୍ଚିଲା । ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଅବ୍ଦୁଲ୍ କରିମ୍ ଜମାଲ ଜୌଦାଃ ସାହେବ ଗାଜା (ଫିଲିସ୍ତିନ୍) ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ତାଙ୍କ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ଓ ମୃତକଙ୍କ ପାଇଁ କ୍ଷମା ଯାଚନା କରି ବୈକୁଣ୍ଠରେ ତାଙ୍କ ସ୍ତର ଊର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

1st August 2025

*Translated to Odia by :* Moulavi Anwar Ahmad Khan